# Akashvani, Sambalpur

## SAMBALPURI NEWS EVENING BULLETIN

## 21 December 2024- 7.02 pm- 7.12 pm.

*********************************************

୧- ରାଜସ୍ଥାନ୍ ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ସେବା, ସ୍ୱାସ୍ଥ୍ୟବୀମା ସହେତେ କେତେଟା ଜିନିଷ୍ ଉପ୍‌ରେ ଜିଏସ୍‌ଟି ହାର ବଦ୍‌ଲାବାର୍ ବାବ୍‌ଦେ ଆଲୋଚନା ।

୨- ରାଏଜେ ଜୈବିକ୍ ଚାଷ୍‌କେ ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ନୂଆଁ କୃଷି ନୀତି ମୁଲ୍ କର୍‌ବେ- କହେଲେ ମୁଖ୍ୟମନ୍ତ୍ରୀ ।

୩- ସମ୍ବଲ୍‌ପୁର୍ ପାଣିପାଗ୍ କେନ୍ଦ୍ର ଠାନେ ଆଏବାକାଏଲ୍ ଡପ୍‌ଲର୍ ରାଡାର୍‌ର ଶୁଭାରମ୍ଭ କର୍‌ବେ ରାଜସ୍ୱ ମନ୍ତ୍ରୀ ।

୪- ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା ସୋମ୍‌ବାର୍ ଦିନ ବନ୍ଦ୍ ରହେବା ।

ଆଉର୍

୫- ଲଘୁଚାପ୍‌ର ବଲେ ରାଜ୍ୟର୍ କେତେଟା ଜିଲ୍ଲା ନ ଲାଗି ରହିଛେ ବର୍ଷା ।

ଜିଏସ୍‌ଟି ବୈଠକ୍        ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧକ୍ଷତାଥି ରାଜସ୍ଥାନ୍‌ର ଜୟସେଲ୍‌ମେର୍‌ଠାନେ ୫୫ ନମ୍ବର୍ ଜିଏସ୍‌ଟି ପରିଷଦ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଦ୍ରବ୍ୟ ଆଉ ସେବାକର ଟିକସ୍ ବାବ୍‌ଦର୍ ଭିନ୍ ଭିନ୍ ବିଷେଥି ଆଲୋଚନା ହେଇଥିଲା । ସୂଚ୍‌ନା ଅନ୍‌ସାରେ ବୈଠକ୍‌ଥି ଖାଦ୍ୟଯୋଗାଣ, ସେବା, ସ୍ୱାସ୍ଥ୍ୟବୀମା ଆର୍ କେତେଟା ଜିନିଷ୍ ଉପ୍‌ରେ ଜିଏସ୍‌ଟି ହାର ବଦ୍‌ଲାବାର୍‌କେ ନେଇକରି ଆଲୋଚନା ହେଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଅଲ୍‌ଗା ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲର୍ ମୁଖ୍ୟମନ୍ତ୍ରୀ ଆର୍ ଅର୍ଥମନ୍ତ୍ରୀମାନେ ଯୋଗ୍ ଦେଇଥିଲେ ।

ଜୈବିକ୍ ଚାଷ        ସିଏମ୍‌ଓ

ରାଏଜେ ଜୈବିକ୍ ଚାଷ୍‌କେ ବର୍‌କସ୍ କର୍‌ବାର୍ ଲାଗି ସର୍‌କାର୍ ଖୋବ୍ ଜଲ୍‌ଦି ନୂଆଁ କୃଷି ନୀତି ମୁଲ୍ କର୍‌ବାର୍‌କେ ଯାଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧମ୍ ଜରିଏ କହିଛନ୍ । ନୂଆଁ ନୀତିଥି ଚାଷ୍ ଆର୍

ଚାଷୀ ସମ୍ବନ୍ଧିତ୍ ସବୁ ବିଭାଗ୍ ନ ମିଳିତ୍ ଭାବେ କାର୍ଯ୍ୟକାରୀ କରାଯିବା । ଇନ୍ତାସବୁ ପଦକ୍ଷେପ୍ ମାନ୍କର୍ ଜରିଏ ଓଡ଼ିଶା ନିରନ୍ତର୍ କୃଷି ସଂସ୍କାର୍ ଦିଗେ ନିଜର୍ ଭାଗିଦାରୀ ସାବ୍ୟସ୍ତ କରିପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ଯୋଜ୍‌ନା          ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ଆର୍ଥିକ୍ ସାହାଜ୍ ଆଏବା ମାସେ ହିତାଧିକାରୀମାନ୍‌କୁ ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍, ଇ ଖେପ୍‌ଥି ୨୦ ଲାଖ୍ ନୁ ଅଏତ୍‌କା ହିତାଧିକାରୀଙ୍କୁ ସାହାଜ୍ ଦିଆଯିବା । ବଣ୍ଡାଘାଟି ନ ୧୨ ହଜାର୍‌ନୁ ଅଏତ୍‌କା ମହିଳା ସୁଭଦ୍ରା ଯୋଜ୍‌ନାର୍ ଆର୍ଥିକ୍ ସାହାଜ୍ ପାଏବାର୍ ଲାଗି ଆବେଦନ୍ କରିଛନ୍ । ପହେଲା କିସ୍ତିଥି ବଣ୍ଡାଘାଟି ଇଲାକାର୍ ୯ ହଜାର୍ ହିତାଧିକାରୀ ସୁଭଦ୍ରା ଯୋଜ୍‌ନାର୍ ଆର୍ଥିକ୍ ସାହାଜ୍ ପାଇଛନ୍ ବଲି ଶ୍ରୀମତୀ ପରିଡ଼ା କହିଛନ୍ । ବାକିଥିବା ସୁଭଦ୍ରା ହିତାଧିକାରୀଙ୍କର୍ ଆବେଦନ୍ ପତ୍ର ମାନ୍‌କୁ ଇ ମାସ ୩୦ ତାରିଖ୍‌ତକ୍ ଯାଂଚ୍ କରାଯାଇକରି ପ୍ରକୃତ୍ ହିତାଧିକାରୀଙ୍କୁ

ଜାନୁଆରୀମାନେ ସୁଭଦ୍ରା ଆର୍ଥିକ୍ ସାହାଜ୍ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ଭଦ୍ରକ୍ - ବୟନପାର୍କ     ସିଏମ୍‌ଓ

ଓଡ଼ିଶାକେ ଶିଳ୍ପସମୃଦ୍ଧ କର୍‌ବାର୍ ଲାଗି ଆର୍ ପୁଞ୍ଜିନିବେଶ୍ ଦିଗେ ନୂଆଁ ସମ୍ଭାବନା ସୃଷ୍ଟି କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ସବୁବେଲେ କାମ୍ କରୁଛନ୍ । ଭଦ୍ରକ୍ ଠାନେ ଗୁଟେ ବୟନଶିଳ୍ପ ପାର୍କ ଥାପ୍‌ନା ଲାଗି ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍- ଆଇଓସିଏଲ୍ ୪ ହଜାର୍ ୪ ଶହ ୮୨ କୋଟି ଟଙ୍କା ମଞ୍ଜୁର୍ କରିଛେ । ରାଜ୍ୟ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ସହେତେ ଯୁଆନ୍ ପିଢ଼ି ଲାଗି ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ କେନ୍ଦ୍ର ତୈଳ ଆଉ ପ୍ରାକୃତିକ ଗେସ୍  ମନ୍ତ୍ରୀ ହର୍‌ଦୀପ୍ ସିଂପୁରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ସମବାୟ ମନ୍ତ୍ରୀ-ଧାନ୍ ନୁକ୍‌ସାନ୍          ଆର୍‌ଏନ୍‌ୟୁ/ କଟକ୍

ବର୍ଷା ଲାଗି ହେଉଥିବା ଧାନ୍‌ର ନୁକ୍‌ସାନ୍ ଭର୍‌ନାର୍ ବାବ୍‌ଦେ ସର୍‌କାର୍ ଚାଷୀମାନ୍‌କୁ କ୍ଷତିପୂରଣ୍ ଯୁଗେଇ ଦେବେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ ବଲସାମନ୍ତ କହିଛନ୍ । ଠୁଲା ହେଇଥିବା ଧାନ୍‌କେ ସୁରକ୍ଷିତ୍ ରଖିବାର୍ ଲାଗି ମଣ୍ଡି ନ ତିରିପାଲ୍‌ର ବ୍ୟବସ୍ଥା କରାଯାଇଛେ । ଯେନ୍‌ଥିର୍‌ଲାଗି ମଣ୍ଡି ନ ଧାନ୍ ନାଇଁ ଭିଜେ ଆର୍ ବର୍ଷା ଛାଡ୍‌ଲେ ମଣ୍ଡି ନ ଧାନ୍ ଘିନା ବାବଦ୍ ପରବର୍ତୀ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ କହିଛନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍

ଏଆଇଆର୍’ ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଡପ୍‌ଲର୍ ରାଡାର୍ ସ୍ଥାପନ୍ ଆର୍‌ଏନ୍‌ୟୁ/ କଟକ୍

ସମ୍ବଲ୍‌ପୁର୍ ପାଣିପାଗ୍ ବିଭାଗ୍ କାର୍ଯ୍ୟାଳୟ ଠାନେ ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍‌ର ଡପ୍‌ଲର୍ ରାଡ଼ାର୍ ଖଞ୍ଜାଯିବା । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ସହର୍ ପାଖର୍ ଜମାଦାର୍‌ପାଲି ଏୟାର୍‌ଷ୍ଟ୍ରିପ୍ ପାଖେ ଥିବା ପାଣିପାଗ୍ ବିଭାଗ୍ କାର୍ଯ୍ୟାଳୟ ଠାନେ ଆଏବାକାଏଲ୍ ରାଡ଼ାର ଶୁଭାରମ୍ଭ କର୍‌ବେ । ପାଖାପାଖି ୫ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍‌କେ ଥିବା ରାଡ଼ାର୍ ସମ୍ବଲ୍‌ପୁର୍ ଇଲାକା ନ ପାଣିପାଗକେ ନେଇକରି ସଠିକ୍ ଆଉ ତୁର୍‌ତି ସୂଚ୍‌ନା ଦେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍ନେଶ୍ୱର୍ ୟୁନିଟ୍ ୫ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠଠାନେ ଆଏବା ୨୩ ତାରିଖ୍ ସୋମ୍ବାର୍ ଦିନ ହେବାର୍କେ ଥିବା ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର ସର୍କାରୀ କାର୍ଯ୍ୟକ୍ରମ୍ ମାନ୍କୁ ନଜର୍ଥି ରଖିକରି ଇତାକେ ବନ୍ଦ୍ ରଖାଯାଇଛେ ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଆଇଏସ୍ଏଫ୍ଆର୍ ରିପୋର୍ଟ ପି.ଆଇ.ବି.

୨୦୨୧ ନୁ ୨୦୨୩ ମସିହା ଭିତ୍ରେ ଓଡ଼ିଶା ନ ୫ ଶହ ୫୯ ବର୍ଗ କିଲୋମିଟର୍ ଜଙ୍ଗଲ୍ ବଢ଼ିଛେ ବଲିକରି କେନ୍ଦ୍ର ଜଙ୍ଗଲ୍ ଓ ପରିବେଶ୍ ମନ୍ତ୍ରଣାଳୟ ତର୍ଫୁ ବାହାରିଥିବା ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟଥି କୁହାଯାଇଛେ । ସାରା ଦେଶେ ଜଙ୍ଗଲ୍ ଆର୍ ଗଛ ଇଲାକା ବଢ଼ିଛେ । ଡେରାଡୁନ୍

ଠାନେ ଥିବା ଜଙ୍ଗଲ୍ ଗବେଷଣା ପ୍ରତିଷ୍ଠାନ୍ ଠାନେ ଆଏଜ୍ କେନ୍ଦ୍ର ଜଙ୍ଗଲ୍ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର୍ ଯାଦବ୍ ଇ ରିପୋର୍ଟ ଜାରି କରିଥିଲେ । ରିପୋର୍ଟ ଅନ୍‌ସାରେ ୨୦୨୧ ନୁ ୨୦୨୩  ମସିହା ଭିତ୍‌ରେ ଦେଶେ ୧ ହଜାର୍ ୪ ଶହ ୪୫ ବର୍ଗ କିଲୋମିଟର୍ ଜଙ୍ଗଲ୍ ଆର୍ ଗଛ୍ ଇଲାକା ବଢ଼ିଛେ । ଜଙ୍ଗଲ୍ ବଢ଼ାବାର୍‌ଥି ସିଘା ୪ ଟା ରାଏଜ୍ ଭିତ୍‌ରେ ଛତିଶ୍‌ଗଡ଼୍, ଉତର୍‌ପ୍ରଦେଶ୍, ଓଡ଼ିଶା ଆର୍ ରାଜସ୍ଥାନ୍ ରହିଛେ ।

ପକ୍ଷୀ ଗଣ୍‌ନା          ସମ୍ବଲପୁର୍ ସମ୍ବାଦଦାତା

ଆଏବା ଜାନୁଆରୀ ମାସର ୧୮ ତାରିଖ୍ ଦିନ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ଥି ପକ୍ଷୀ ଗଣ୍‌ନା କରାଯିବା । ଜଲ୍‌ଭଣ୍ଡାର୍‌ର ୫ ଶହ ବର୍ଗ କିଲୋମିଟର୍ ଭିତ୍‌ରେ ପକ୍ଷୀ ଗଣ୍‌ନା କରାଯିବା । ସଖାଲର୍ ୫ ନୁ ବେଲ୍‌ବୁଡ଼ର୍ ୬ ବଜେତକ୍ ଗଣ୍‌ନା କାମ୍ ଚାଲ୍‌ବା । ପକ୍ଷୀ ଗଣନାଥି ବନବିଭାଗ୍‌ର ବରିଷ୍ଠ ଅଧିକାରୀଙ୍କର୍ ସହେତେ ବିଶେଷଜ୍ଞ ଦଲ୍ ରହେବେ । ଇ ବାବ୍‌ଦେ ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ଡିଏଫ୍‌ଓ ସୂଚ୍‌ନା ଦେଇଛନ୍ ।

ସାମ୍ବାଦିକ୍ ସୁରେନ୍ଦ୍ର ମହାନ୍ତି-ଶ୍ରଦ୍ଧାଞ୍ଜଳି ଆର୍ଏନ୍ୟୁ/ କଟକ୍

ବିଶିଷ୍ଟ ସାହିତ୍ୟିକ୍ ଆର୍ ସାମ୍ବାଦିକ୍ ସୁରେନ୍ଦ୍ର ମହାନ୍ତିଙ୍କୁ ତାଙ୍କର ପୂଣ୍ୟତିଥି ଥି ରାଜ୍ୟର୍ ଲୋକ୍‌ମାନେ ଶ୍ରଦ୍ଧାଞ୍ଜଳି ଦେଇଛନ୍ । ଓଡ଼ିଆ ଭାଷା, ସାହିତ୍ୟ କ୍ଷେତ୍ରଥି ସେ ଥିଲେ ଝନେ ଅଦ୍ୱିତୀୟ କଥାକାର୍ । ଓଡ଼ିଶା ସାହିତ୍ୟ ଏକାଡେମୀ କେନ୍ଦ୍ର ସାହିତ୍ୟ ଏକାଡେମୀ ସାରଳା ପୁରସ୍କାର୍ ବାଗିର୍ ଭିନ୍ ଭିନ୍ ସମ୍ମାନ୍‌ର ଅଧିକାରୀ ସ୍ୱର୍ଗତ ମହାନ୍ତିଙ୍କୁ ତାଙ୍କର୍ ପୂଣ୍ୟତିଥି ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

କୃଷି ଯନ୍ତ୍ରପାତି ମେଳା ଆର୍ଏନ୍ୟୁ /ସମ୍ବଲପୁର

ସମ୍ବଲପୁର ପିଏଚ୍‌ଡ଼ି ପଡ଼ିଆଠାନେ ଆଏଜ୍‌ଠାନୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ୍ ଆର୍ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ମୁଲ୍ ହେଇଛେ । ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ୫ ଦିନନ୍ ଧରିକରି ହେବାର୍‌କେ ଥିବା

ମେଳାଥି ବହୁତ୍ ରକ୍ମର୍ କୃଷି ଯନ୍ତ୍ରପାତି ପ୍ରଦର୍ଶିତ୍ ହେଉଛେ । ଚାଷୀମାନ୍କୁ ରିହାତି ଦର୍ଥି ଯନ୍ତ୍ରପାତି ଭିଲ୍ ଦିଆଯାଉଛେ । ସଫଲ୍ ଚାଷୀମାନ୍କୁ କୃଷି ବିଭାଗ୍, ମତ୍ସ୍ୟବିଭାଗ୍ ଆର୍ ପ୍ରାଣୀ ସମ୍ପଦ୍ ବିଭାଗ୍ ତର୍ଫୁ ପୁରସ୍କୃତ କରାଯାଇଛେ ।

ଦେବଗଡ୍-ସଡ଼କ୍ ସୁରକ୍ଷା ସଚେତନତା   ଦେବ୍ଗଡ୍ ସମ୍ବାଦଦାତା

ଦେବ୍ଗଡ୍ ଆଦର୍ଶ ସ୍ନାତକ ମହାବିଦ୍ୟାଳୟଠାନେ ଜିଲ୍ଲାପୁଲିସ୍ ସହାୟତାଥି ଗୁଟେ ସଡ଼କ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଏସ୍ଡିପିଓ ସୌମ୍ୟରଞ୍ଜନ୍ ମଲ୍ଲିକ୍ ଆର୍ ଦେବ୍ଗଡ୍ ଆଦର୍ଶ ଥାନା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ୍ କୁମାର୍ ସେଠୀ ଯୋଗ୍ ଦେଇକରି ବିଦ୍ୟାର୍ଥୀମାନ୍କୁ ସଡ଼କ ସୁରକ୍ଷା ନିୟମ୍ ବାବ୍ଦେ ବୁଝେଇଥିଲେ । ଖାସ୍ କରି ଯେନ୍ ବିଦ୍ୟାର୍ଥୀମାନେ ଗାଡ଼ି ଚଲଉଛନ୍- ସେମାନେ ଲାଇସେନ୍ସ ବନେଇକରି ଠିକ୍ ଭାବେ ଗାଡ଼ି ଚଲାବାର୍କେ ଆର୍ ହେଲ୍ମେଟ୍ ବେଭାର୍ କର୍ବାର୍କେ ପରାମର୍ଶ ଦେଇଥିଲେ ।

ଜିଲ୍ଲାସ୍ତରୀୟ ମନ୍ଥନ ଶିବିର           ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଆଇ.ଟି.ଡି.ଏ ତର୍‌ଫୁ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଧର୍‌ତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ ଅଭିଯାନ୍ ଜିଲ୍ଲାସ୍ତରୀୟ ମନ୍ଥନ ଶିବିର୍ ହେଇଯାଇଛେ । ଶିବିର୍‌ଥି ଜିଲ୍ଲାର୍ ତିନ୍‌ହି ବ୍ଲକ୍ ନ ୫୨ ଟା ଆଦିବାସୀ ବହୁଳ ଗାଁମାନ୍‌କେ  ଶିକ୍ଷା, ସ୍ୱାସ୍ଥ୍ୟ, ପିଇପାର୍ ପାଏନ୍, ଆୟୁଷ୍ମାନ୍ କାର୍ଡ୍, ଏଲ୍‌ପିଜି, ବିଦ୍ୟୁତ୍‌କରଣ୍ ସହେତେ ଅଲ୍‌ଗା ସର୍‌କାରୀ ସୁବିଧାମାନ୍‌କୁ ୪ ବଛର୍ ଭିତ୍‌ରେ ପୁରା କରିକରି କାର୍ଯ୍ୟକାରୀ କର୍‌ବାର୍ ବାବ୍‌ଦେ ଆଲୋଚନା ହେଇଥିଲା ।

ସାଧାରଣତନ୍ତ୍ର ଦିବସ-ତୟାରି        I&PR

ରାଏଜେ ସାଧାରଣତନ୍ତ୍ର ଦିବସ୍ ୨୦୨୫ ପାଲନ୍‌ର ରୂପରେଖ ତୟାରି ବାବ୍‌ଦେ ଗୁଟେ ପ୍ରସ୍ତୁତି ବୈଠକ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍‌ଠାନେ ଅନୁଷ୍ଠିତ୍ ହେଇଯାଇଛେ । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଉତ୍ସବ୍ ଆୟୋଜନ୍ ସମ୍ପର୍କିତ ସବୁ ବିଷେ ଉପ୍‌ରେ ଟିକ୍‌ନିଖ୍ ଭାବେ ନଜର୍ ଦେବାର୍‌କେ

କହିଛନ୍ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ରଘୁବର୍ ଦାସ ଯୋଗ୍ ଦେଇକରି ପତାକା ଉତୋଲନ୍ କର୍‌ବେ ଆର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମାରୋହଥି ସମ୍ମାନିତ୍ ଅତିଥି ଭାବେ ଯୋଗ୍‌ଦେବେ ବଲି ସୂଚ୍‌ନା ମିଲିଛେ ।

ହୀରକ୍ ଜୟନ୍ତୀ        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ସହରର୍ ପତିତପାବନ୍ ଏକାଡେମୀ ହାଇସ୍କୁଲର ହୀରକ୍ ଜୟନ୍ତୀ ସମାରୋହ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି କହିଛନ୍ ଯେ, ଶିକ୍ଷା ବ୍ୟବସ୍ଥାକେ ଗୁଣାତ୍ମକ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ବହୁତ୍ ପଦକ୍ଷେପ୍ ନେଇଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍ ଯେ, ରାଏଜେ ନୂଆଁ ଜାତୀୟ ଶିକ୍ଷାନୀତି ଖୋବ୍ ଜଲ୍‌ଦି ଲାଗୁ ହେବା ବଲି କହିଛନ୍ ।

ରେଲ୍ ଦୁର୍ଘଟଣା        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାର୍ ର ନର୍ସିଂ ଗଡ଼୍ ଷ୍ଟେସନ୍ ପାଖେ ରେଲ୍ ଦୁର୍ଘଟଣାଥି ଝନେ ୮୦ ବର୍ଷିଆ ବୃଦ୍ଧାଙ୍କର୍ ଜୀବନ୍ ଯାଇଛେ । ସଖାଲର୍ ୯ ବଜେ ବଲାଙ୍ଗିର୍‌ନୁ ସୁବର୍ଣ୍ଣପୁର୍ ଆସୁଥିବା ପେସେଞ୍ଜର୍ ଟ୍ରେନ୍ ବୃଦ୍ଧାଙ୍କୁ ଧକ୍କା ଦେବାର୍‌ନୁ ତାଙ୍କର୍ ମୃତ୍ୟୁ ଘଟିଥିଲା । ଘଟ୍‌ନାସ୍ଥଳ୍‌ଥି ବଲାଙ୍ଗିର୍ ଜିଆର୍‌ପି ପୁଲିସ୍ ପୁହୁଁଚିକରି ଅନୁସନ୍ଧାନ୍ ଜାରି ରଖିଛନ୍ ।

ପାଣିପାଗ ଡେସ୍କ

ଲଘୁଚାପ୍‌ର ବଲେ ରାଜ୍ୟର୍ ବହୁତ୍‌ଟେ ଜାଗା ନ ଆଏଜ୍ ବର୍ଷା ଜାରି ରହିଛେ । ଗଲା ୨୪ ଘଂଟା ଭିତ୍‌ରେ ନୟାଗଡ଼୍ ଜିଲ୍ଲାର୍ ରଣପୁର୍ ଠାନେ ସବୁନୁ ଅଏତ୍‌କା ଶହେ ୮ ଦଶ୍‌ମିକ୍ ୪ ମିଲିମିଟର୍ ବର୍ଷା ରେକର୍ଡ କରାଯାଇଛେ । ଆଏବା ୨ ଦିନ୍‌ତକ୍ ରାଜ୍ୟର୍ କେତେଟା ଜାଗା ନ କମ୍ ନୁ ମଏଧମ୍ ଧରଣ୍‌ର ବର୍ଷା ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ କୋରାପୁଟ୍, ରାୟଗଡ଼ା, କଲାହାଣ୍ଡି, କନ୍ଧମାଲ, କେନ୍ଦୁଝର୍ ଆର୍ ଝାର୍‌ସୁଗୁଡ଼ା ଜିଲ୍ଲାକେ ଅପ୍ରବଲ୍ ବର୍ଷା ନେଇକରି ପାଣିପାଗ୍ କେନ୍ଦ୍ର ତରଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ୨ ଦିନ୍‌ତକ୍ ରାଏଜେ ସବୁନୁ କମ୍ ତାପମାତ୍ରାଥି ବିଶେଷ୍ ପରିବର୍ତନ୍ ନାଇଁ ହୁଏ ବଲି

କେନ୍ଦ୍ର ତରଫ୍ରୁ କୁହାଯାଇଛେ । କେତେଟା ଜାଗା ନ ବହଲିଆ କୁହୁଡ଼ି ଭିଲ୍ ଦେଖାଦେବା । ଇଥିର୍‌ଲାଗି ୬ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।